# କେନ୍ଦୁଝର: ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ: ଫଟୋ ଭୋଟର ତାଲିକାର ସଂଶୋଧନ କାର୍ଯ୍ୟକ୍ରମ ଓ ରାଜସ୍ୱ ବିଭାଗୀୟ କାର୍ଯ୍ୟର ସମୀକ୍ଷା



କେନ୍ଦୁଝର, ୫।୧୦: ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ ସି.ଏସ୍. କୁମାର ଚଳିତ ଅକ୍ଟୋବର ମାସ ୪ ତାରିଖ ଦିନ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ଫଟୋ ଭୋଟର ତାଲିକା ୨୦୧୯ର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଓ ରାଜସ୍ୱ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରିଛନ୍ତି । ଗୁରୁବାର ଅପରାହ୍ନ ୫ଘଟିକା ସମୟରେ ଦରବାର ହଲଠାରେ ଅନୁଷ୍ଠିତ ସମୀକ୍ଷା ବୈଠକର ପ୍ରାରମ୍ଭରେ ଜିଲ୍ଲାପାଳ ଆଶିଷ ଠାକ୍‌ରେ ପ୍ରମୁଖ ଶାସନ ସଚିବଙ୍କୁ ସ୍ୱାଗତ ଜଣାଇବା ସହ ଫଟୋ ଭୋଟର ତାଲିକା ୨୦୧୯ର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ଅବଗତ କରାଇଥିଲେ । ଏହାପରେ ପ୍ରମୁଖ ଶାସନ ସଚିବ ସମୀକ୍ଷା ଆରମ୍ଭ କରି ସମସ୍ତ ଯୋଗ୍ୟ ବ୍ୟକ୍ତିମାନଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସାବାଳକ ଭିନ୍ନକ୍ଷମମାନେ ଭୋଟର ତାଲିକାରୁ ଯେପରି ବାଦ ନପଡନ୍ତି ସେଥିପାଇଁ ନିର୍ଦ୍ଦେଶ ଦେଇଥିଲେ । ବ୍ଲକଓ୍ୱାରୀ ଭିନ୍ନକ୍ଷମମାନଙ୍କ ତାଲିକା ସାମାଜିକ ସୁରକ୍ଷା ଅଧିକାରୀ,ବିଡିଓମାନଙ୍କୁ ତୁରନ୍ତ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସରକାରୀ କାର୍ଯ୍ୟାଳୟ ଓ ବିଦ୍ୟାଳୟମାନଙ୍କରେ ଭିନ୍ନକ୍ଷମମାନଙ୍କ ପାଇଁ ର୍‍ୟାମ୍ପ ନିର୍ମାଣ ସଂପର୍କରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱାରୋପ କରିବା ସହିତ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଭୋଟର ତାଲିକା ୨୦୧୯ର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମର ପ୍ରସ୍ତୁତ,ବୁଥସ୍ତରୀୟ ଅଧିକାରୀ ନିଯୁକ୍ତି ଓ ସେମାନଙ୍କ ପାଇଁ ତାଲିମ ବ୍ୟବସ୍ଥା,ଜନସାଧାରଙ୍କ ସଚେତନତା ନିମନ୍ତେ ପ୍ରଚାର ପ୍ରସଙ୍ଗ ଉପରେ ସମୀକ୍ଷା କରିଥିଲେ । ଏତଦ୍‌ବ୍ୟତୀତ ମିଳୁଥିବା ଆପତ୍ତି ଅଭିଯୋଗଗୁଡିକର ଫଇସଲା, ଫର୍ମ ନଂ-୬,୬-ଏ,୭,୮ ଏବଂ ୮-ଏରେ ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡିକର ସ୍ଥିତି ଉପରେ ସମୀକ୍ଷା କରିବା ସହ ଚେକଲିଷ୍ଟ ଉପରେ ବିଶଦ ଭାବେ ସମୀକ୍ଷା କରିଥିଲେ । ନିର୍ବାଚନ କମିଶନ ଓ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କଠାରୁ ଆସିଥିବା ନିୟମାବଳୀ ସଂପର୍କରେ ଭଲ ଭାବେ ଅବଗତ ହୋଇ କାର୍ଯ୍ୟନିର୍ବାହ କରିବାକୁ ସଂପୃକ୍ତ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିର୍ଭୁଲ ଭାବେ ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମ ଶେଷ କରିବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଉପଜିଲ୍ଲାପାଳମାନେ ନିୟମିତ ବ୍ଲକସ୍ତରରେ ଉକ୍ତ କାର୍ଯ୍ୟକ୍ରମର ସମୀକ୍ଷା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପରେ ପରେ ଜିଲ୍ଲାର ରାଜସ୍ୱ ବିଭାଗର କାର୍ଯ୍ୟକ୍ରମର ସମୀକ୍ଷା କରି ଓଡିଶା ଲୋକସେବା ଅଧିନିୟମ ଅନୁଯାୟୀ କିପରି ଜନସାଧାରଣ ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମରେ ଉପକୃତ ହୋଇପାରିବେ, ସେଥିପ୍ରତି ଅଧିକାରୀ ଓ କର୍ମଚାରୀମାନେ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ । ବସୁନ୍ଧରା ଯୋଜନାରେ ଭୂମିହୀନମାନଙ୍କୁ ଘର ଉପଯୋଗୀ ଜମିପଟ୍ଟା ପ୍ରଦାନ,ଲ୍ୟାଣ୍ଡ ରେକର୍ଡସର କମ୍ପ୍ୟୁଟରୀକରଣ,ଅନ୍‌ଲାଇନ୍ ମ୍ୟୁଟେସନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ପ୍ରତିଟି କ୍ଷେତ୍ରରେ ସ୍ୱଚ୍ଛତା ରଖି ଜନସାଧାରଣଙ୍କୁ ସମୟ ଉପଯୋଗୀ ସେବା ଯୋଗାଇ ଦେବା ନିମନ୍ତେ ସରକାରଙ୍କ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରି ଏହାର ସଠିକ୍ କାର୍ଯ୍ୟକାରିତା ପାଇଁ ପଦକ୍ଷେପ ନେବାକୁ ରାଜସ୍ୱ ବିଭାଗ ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରମୁଖ ଶାସନ ସଚିବ ସି.ଏସ୍. କୁମାର ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ଭକ୍ତଚରଣ ପ୍ରଧାନ,ଚମ୍ପୁଆ ଉପଜିଲ୍ଲାପାଳ ପାରୁଲ ପଟ୍ଟାୱାରୀ,କେନ୍ଦୁଝର ଉପଜିଲ୍ଲାପାଳ ସୋମନାଥ ପ୍ରଧାନ,ଆନନ୍ଦପୁର ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ସାହୁଙ୍କ ସମେତ ଜିଲ୍ଲାର ବିଡିଓ,ତହସିଲଦାର,ଅତିରିକ୍ତ ତହସିଲଦାର ଓ ଅନ୍ୟାନ୍ୟ ରାଜସ୍ୱ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ ।

ସ୍ୱା/- ତା ୦୫/୧୦/୨୦୧୮

ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, କେନ୍ଦୁଝର